**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**5 August - 2024**

**News Editor : *Itishree Singh Rathaur***

********************************

## ସମ୍ବର୍ଦ୍ଧନା ସମାରୋହ

ସାମାଜିକ ବିକାଶର ମୂଳ ସୋପାନ ହେଉଛି ଶିକ୍ଷା ଓ ସଚେତନତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଓଡ଼ିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ସମ୍ବର୍ଦ୍ଧନା ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ରାଜ୍ୟବାସୀଙ୍କ ସାମଗ୍ରୀକ ବିକାଶ ପାଇଁ ସରକାର ସମର୍ପିତ ଅଛନ୍ତି । ତେବେ ଏଥିପାଇଁ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି । କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ନେତୃତ୍ୱ ଏକ କ୍ଷମତା ନୁହେଁ, ବରଂ ଗୋଟିଏ କର୍ତ୍ତବ୍ୟ । ସରକାର ସବୁବେଳେ ଲୋକଙ୍କ ବିକାଶ ପାଇଁ ତତ୍ପରତାର ସହ କାର୍ଯ୍ୟ କରିଆସୁଛନ୍ତି ବୋଲି ସେ କହିଛନ୍ତି । ଅନ୍ୟତମ ଅତିଥି ଭାବେ ଯୋଗଦେଇ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାୟକ ଆଗାମୀ ୫ ବର୍ଷରେ ରାଜ୍ୟକୁ ଦାଦନମୁକ୍ତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଥିବା କହିଛନ୍ତି ।

## ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନ ଅଭିଯୋଗ ଗୁଡ଼ିକର ଶୁଣାଣି କରିବେ । ଏଥିପାଇଁ ସକାଳ ୮ଟାରୁ ୧୨ଟା ପର୍ଯ୍ୟନ୍ତ ପଞ୍ଜୀକରଣ ହେବ । ଅଭିଯୋଗକାରୀମାନେ ଯଥା ସମୟରେ ଆସି ପଞ୍ଜୀକରଣ କରି ଅଭିଯୋଗ ଦାଖଲ କରିପାରିବେ ।

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଅନୁଷ୍ଠିତ ହେବ ।

## ଭତ୍ତା ବୃଦ୍ଧି

ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୮୦ ବର୍ଷ ବୟସରୁ ଅଧିକ ଏବଂ ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ମାନଙ୍କ ପାଇଁ ଭତ୍ତାରାଶି ୩୫ ଶହ ଟଙ୍କାକୁ ବୃଦ୍ଧି କରାଯାଇଛି । ପର୍ଯ୍ୟାୟକ୍ରମେ ବର୍ଦ୍ଧିତ ଭତ୍ତା ସମସ୍ତ ହିତାଧିକାରୀଙ୍କୁ ମିଳିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଢେଙ୍କାନାଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ବଜେଟ୍ ସଂପର୍କିତ ଆଲୋଚନା ବେଳେ ଶ୍ରୀ ପାତ୍ର କହିଛନ୍ତି ସବୁ ବର୍ଗର ଉନ୍ନତି ନିମନ୍ତେ ସରକାର କାର୍ଯ୍ୟ କରୁଛନ୍ତି ।

## ସ୍କୁଲ୍ ଅଡିଟ୍

ରାଜ୍ୟରେ ଥିବା ୫-ଟି ସ୍କୁଲ୍ ଗୁଡ଼ିକର ଏକାଉଣ୍ଟ ଜେନେରାଲ୍-ଏଜି ଅଡିଟ୍ ହେବ । ଏ ନେଇ **ମୋ ସ୍କୁଲ୍** ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ

ଦିଆଯାଇଛି । ଏହା ଅନୁସାରେ ୫-ଟି ଅଧୀନରେ ରୂପାନ୍ତରଣ ହୋଇଥିବା ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରେ ବିଭିନ୍ନ କାର୍ଯ୍ୟର ତଥ୍ୟ ଡି.ଇ.ଓ ମାନେ ପ୍ରଦାନ କରିବେ । ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ସ୍ମାର୍ଟ ପ୍ୟାନେଲ୍, ବିଜ୍ଞାନାଗାର, ପାନୀୟ ଜଳ, ଇ-ଲାଇବ୍ରେରୀ, କମ୍ପ୍ୟୁଟର ଓ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଆଦି ନେଇ ତଥ୍ୟ ପ୍ରଦାନ କରିବାକୁ କୁହାଯାଇଥିବା ଜଣାପଡ଼ିଛି ।

## ମେଧା ତାଲିକା

ଯୁକ୍ତ ଦୁଇ ଦ୍ୱିତୀୟ ମେଧା ତାଲିକା ଏବଂ ପି.ଜି. ପ୍ରବେଶିକା ପରୀକ୍ଷା ଫଳ ଆଜି ପ୍ରକାଶ ପାଇବ।  ଯୁକ୍ତ ଦୁଇ ମେଧା ତାଲିକାରୁ ଚୟନ ହୋଇଥିବା ଛାତ୍ରଛାତ୍ରୀ ଆସନ୍ତା ୭ରୁ ୧୦ ତାରିଖ ମଧରେ ନାମ ଲେଖାଇ ପାରିବେ ଏବଂ ପରେ ୧୨ରୁ ୧୪ ତାରିଖ ମଧ୍ୟରେ ସ୍ଵଟ୍ ନାମଲେଖା ପାଇଁ ଚଏସ ଲକିଂ କରିପାରିବେ । ସେହିପରି ପିଜି ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଆସନ୍ତାକାଲିଠାରୁ ୧୨ ତାରିଖ ମଧ୍ୟରେ ଚଏସ ଲକିଂ କରିପାରିବେ । ୨୦ ତାରିଖରେ ପ୍ରଥମ, ୩୧ ତାରିଖରେ ଦ୍ୱିତୀୟ ଏବଂ ସେପ୍ଟେମ୍ବର ୧୦ ତାରିଖରେ ତୃତୀୟ ପର୍ଯ୍ୟାୟ ପି.ଜି. ମେଧା ତାଲିକା ପ୍ରକାଶ ପାଇବ ।

## ବୈଠକ

ପୁରୀ ନୀଳଦ୍ରି ଭକ୍ତ ନିବାସ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନରେ ଶ୍ରୀମନ୍ଦିର ପରିଚାଳନା କମିଟିବୈଠକ ଅନୁଷ୍ଠିତ ହେବ । ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ଏହି ବୈଠକରେ ରତ୍ନଭଣ୍ଡାର

ମରାମତି ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି । ସୂଚନା ଅନୁସାରେ ଗତ ୨୯ ତାରିଖରେ ରତ୍ନଭଣ୍ଡାର ତଦାରଖ କମିଟି ବୈଠକ ବସିଥିଲା । ଏଥିରେ ଭିତର ଓ ବାହାର ରତ୍ନଭଣ୍ଡାରର ମରାମତି, ଲେଜର ସ୍କାନିଂ ଆଦି ସଂପର୍କରେ ଆଲୋଚନା ହୋଇଥିଲା ।

## ଖସାପଡ଼ା ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରାବଣ ଶୁକ୍ଳ ପ୍ରତିପଦା ତିଥିରେ ଶ୍ରୀବିଗ୍ରହମାନଙ୍କ ଖସାପଡ଼ା ନୀତି ଅନୁଷ୍ଠିତ ହେବ । ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ସେବକ ଦଇତାପତିମାନେ ଏହି ନୀତି ସଂପନ୍ନ କରିବେ । ଦ୍ୱିତୀୟ ଭୋଗ ମଣ୍ଡପ ପୂଜା ପରେ ସନ୍ଧ୍ୟା ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ।

## ଅଲମ୍ପିକ୍ସ

ପ୍ୟାରିସ୍ ଅଲମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳ ୪-୨ ଗୋଲ୍‌ରେ ବ୍ରିଟେନ୍‌କୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛି । ଗତକାଲି ଖେଳାଯାଇଥିବା ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୧-୧ ଗୋଲ୍‌ରେ ଶେଷ ହୋଇଥିଲା । ତେବେ ଫଳାଫଳ ନିର୍ଦ୍ଧାରଣ ପାଇଁ ପେନାଲ୍‌ଟି ସୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଭାରତର ଶ୍ରୀଜେସ୍‌ଙ୍କ ଚମତ୍କାର ଗୋଲ୍ ରକ୍ଷଣ ବଳରେ ଦଳ ୪-୨ ଗୋଲ୍‌ରେ ବ୍ରିଟେନ୍‌କୁ ପରାସ୍ତ କରିଥିଲା ।

ଭାରତ ଓ ଜର୍ମାନୀ ମଧ୍ୟରେ ଆସନ୍ତାକାଲି ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜୟୀ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି ।

## ହୀରାକୁଦ

ମହାନଦୀ ଅବବାହିକାର ଉପରମୁଣ୍ଡରେ ବର୍ଷାର ପରିମାଣ ବୃଦ୍ଧି ପାଇଛି । ଏହା ଫଳରେ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଛି ।  ସ୍ଥିତିକୁ ଦୃଷ୍ଟିରେ ରଖି ଗତକାଲି ୨ଟି ପର୍ଯ୍ୟାୟରେ ଆହୁରି ୮ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି । ବର୍ତ୍ତମାନ ଜଳ ଭଣ୍ଡାରରୁ ୧୪ଟି ସ୍ଲୁଇସ୍ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି ।

## ପାଣିପାଗ

ରାଜ୍ୟରେ ସକ୍ରିୟ ମୌସୁମୀର ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତାକାଲି ସୁଦ୍ଧା ବଙ୍ଗୋପସାଗରରେ ଆଉଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଆସନ୍ତାକାଲି  ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୧୨ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।